ଓଡ଼ିଶା ସରକାର

## ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

# ବ୍ଲୁ ହ୍ୱେଲ ଗେମ୍ (Blue Whale Game) ପାଇଁ ଉପଦେଶାତ୍ମକ ସୂଚନା

ସୋସିଆଲ ମେଡିଆରେ ବ୍ଲୁ ହ୍ୱେଲ୍ ଚ୍ୟାଲେଞ୍ଜ ଖେଳ ଇଣ୍ଟରନେଟ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ନିୟମରେ ଖେଳିବା ପାଇଁ କମ୍ ବୟସର ପିଲାମାନଙ୍କୁ ଆକୃଷ୍ଟ କରୁଛି । ଏହା ଏକ ଅଜଣା ଅନ୍‌ଲାଇନ୍ ଆଡମିନିଷ୍ଟ୍ରେଟର ଦ୍ୱାରା ପରିଚାଳିତ ହେଉଛି । ଏହି ବ୍ଲୁ ହ୍ୱେଲ୍ ଚ୍ୟାଲେଞ୍ଜ ଖେଳ ପାଇଁ ନିର୍ଦ୍ଦିଷ୍ଟ ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍‌ର ଆବଶ୍ୟକତା ପଡେ ନାହିଁ ଓ ଏହି ଚ୍ୟାଲେଞ୍ଜ ଗେମ୍ ଯେକୌଣସି ସୋସିଆଲ ମେଡିଆ ଆକାଉଣ୍ଟ୍‌କୁ ଏକ ଲିଙ୍କ୍ ମାଧ୍ୟମରେ ଆସିଥାଏ ।

ଜନସାଧାରଣଙ୍କ ସତର୍କତା ନିମନ୍ତେ ନିମ୍ନଲିଖିତ ଉପଦେଶ ଜାରି କରାଯାଉଛି ।

**ଅଭିଭାବକ ଓ ଶିକ୍ଷକମାନଙ୍କ ପାଇଁ ଉପଦେଶ**

- **"ଆତଙ୍କିତ ହୁଅନ୍ତୁ ନାହିଁ"** । ଏହି ବ୍ଲୁ ହ୍ୱେଲ୍ ଗେମ୍‌ରେ ଭାଗ ନେଉଥିବା କୌଣସି ପିଲା ମାନସିକ ସ୍ତରରେ ଦୁଃଶ୍ଚିନ୍ତାଗ୍ରସ୍ତ ହୋଇଥାଇ ପାରେ, ତେଣୁ ସେହି ପିଲା ସହିତ ଶାନ୍ତ ସ୍ୱଭାବରେ କଥା ହୁଅନ୍ତୁ । ଆବଶ୍ୟକ ହେଲେ ମନସ୍ତତ୍ତ୍ୱବିତ୍‌ଙ୍କ ସହିତ ପରାମର୍ଶ କରନ୍ତୁ ।
- ସବୁବେଳେ ପିଲାର ଅନ୍‌ଲାଇନ୍ ସୋସିଆଲ ମେଡିଆ କାର୍ଯ୍ୟକଳାପକୁ ସତର୍କ ଦୃଷ୍ଟି ରଖନ୍ତୁ ଏବଂ ଯଦି ପିଲା ବ୍ଲୁ ହ୍ୱେଲ୍ ଗେମ୍ ଖେଳିବା ପରିଲକ୍ଷିତ ହୁଏ ତେବେ ତାକୁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ମନା କରନ୍ତୁ । ଆବଶ୍ୟକସ୍ଥଳେ ନିକଟସ୍ଥ ପୋଲିସ ଷ୍ଟେସନ୍‌ର ସହାୟତା ନିଅନ୍ତୁ ।
- ଶିକ୍ଷକ / ହଷ୍ଟେଲ ଇନ୍‌ଚାର୍ଜ ମାନେ ଛାତ୍ରଛାତ୍ରୀ ମାନଙ୍କର ସାମାଜିକ ଆଚାର ବ୍ୟବହାର ଉପରେ ନଜର ରଖନ୍ତୁ ଏବଂ ଏହି ଇଣ୍ଟରନେଟ୍ ଖେଳରୁ ନିବୃତ୍ତ ରହିବା ପାଇଁ ସଚେତନ କରାନ୍ତୁ ।

**ସୋସିଆଲ ମେଡିଆ (ଫେସବୁକ୍, ଟ୍ୱିଟର, ଇନଷ୍ଟାଗ୍ରାମ, ଗୁଗୁଲ୍ ପ୍ଲସ୍, ଇତ୍ୟାଦି)**

- ଷ୍ଟ୍ରଙ୍ଗ୍ ପ୍ରାଇଭେସି ସେଟିଂସ୍ ଓ ପାସ୍‌ୱାର୍ଡ ବ୍ୟବହାର କରନ୍ତୁ । ନିଜ ପାସ୍‌ୱାର୍ଡ ଅନ୍ୟମାନଙ୍କୁ ଦିଅନ୍ତୁ ନାହିଁ ।
- ସୋସିଆଲ ମେଡିଆ ନେଟ୍‌ୱାର୍କ ସହିତ ସଂଯୋଗ କରିବା ପାଇଁ ସର୍ବଦା HTTPS ବ୍ୟବହାର କରନ୍ତୁ ।
- କୌଣସି ଅଜଣା ବ୍ୟକ୍ତିଙ୍କୁ ସୋସିଆଲ ମେଡିଆରେ ବନ୍ଧୁ କରିବା ପୂର୍ବରୁ ଭଲ ଭାବରେ ଯାଞ୍ଚ କରନ୍ତୁ । ଏତଦ୍‌ବ୍ୟତୀତ ଆପଣଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଅଜଣା ଲିଙ୍କ୍, ଆଟାଚ୍‌ମେଣ୍ଟ, ଡାଉନ୍‌ଲୋଡ୍, ଇମେଲ୍ ଇତ୍ୟାଦିକୁ ମଧ୍ୟ ଭଲ ଭାବରେ ଯାଞ୍ଚ କରନ୍ତୁ ।
- ୱେବ୍ ବ୍ରାଉଜର୍ (Google Chrome, Mozilla Firefox, Internet Explorer, Microsoft Edge, Safari, Opera, etc.) Search Engine କୁ "Safe Search" Mode ରେ ସେଟ୍ କରନ୍ତୁ । କମ୍ପ୍ୟୁଟର / ମୋବାଇଲର Operating System ରେ ଥିବା Parental Control ଦ୍ୱାରା ଇଣ୍ଟରନେଟ୍ ବ୍ୟବହାରକୁ ନିୟନ୍ତ୍ରଣ କରନ୍ତୁ ।

